# ବନ୍ଦେ ଉତ୍କଳ ଜନନୀ

opepa.in



ବନ୍ଦେ ଉତ୍କଳ ଜନନୀ

ଚାରୁ ହାସମୟୀ ଚାରୁ ଭାଷମୟୀ

ଜନନୀ, ଜନନୀ, ଜନନୀ ।

ପୂତ-ପୟୋଧି-ବିଧୌତ-ଶରୀରା, ତାଳତମାଳ-ସୁଶୋଭିତ-ତୀରା,

ଶୁଭ୍ର-ତଟିନୀକୂଳ-ଶୀକର-ସମୀରା

ଜନନୀ, ଜନନୀ, ଜନନୀ ।

ଘନ ଘନ ବନଭୂମି ରାଜିତ ଅଙ୍ଗେ, ନୀଳ ଭୂଧରମାଳା ସାଜେ ତରଙ୍ଗେ,



କଳକଳ ମୁଖରିତ ଚାରୁ ବିହଙ୍ଗେ

ଜନନୀ, ଜନନୀ, ଜନନୀ ।

opepa.in

ସୁନ୍ଦର ଶାଳି-ସୁଶୋଭିତ-କ୍ଷେତ୍ରା,

ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା, ଯୋଗୀଋଷିଗଣ-ଉଟଜ-ପବିତ୍ରା

ଜନନୀ, ଜନନୀ, ଜନନୀ ।

ସୁନ୍ଦର ମନ୍ଦିରମଣ୍ଡିତ-ଦେଶା,

ଚାରୁ କଳାବଳି-ଶୋଭିତ-ବେଶା, ପୁଣ୍ୟ ତୀର୍ଥାଚୟ-ପୂର୍ଣ୍ଣ-ପ୍ରଦେଶା

ଜନନୀ, ଜନନୀ, ଜନନୀ ।



ଉତ୍କଳ ଶୂରବର-ଦର୍ପିତ-ଗେହା,

ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା, ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା

ଜନନୀ, ଜନନୀ, ଜନନୀ ।

opepa.in

କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,

ଭୁବନବିଘୋଷିତ-କୀର୍ତ୍ତି ଅନିନ୍ଦ୍ୟା, ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ

ଜନନୀ, ଜନନୀ, ଜନନୀ ।

**କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର**